# ପୁଲିସ ପଞ୍ଝାରେ ୩ ଜଣିଆ ଲୁଟେରା ଗ୍ୟାଙ୍ଗ

ଖଲ୍ଲିକୋଟ, ୨୮ ।୧୨(ସମିସ)



ଗ୍ରାହକ ସାଜି ବ୍ୟାଙ୍କକୁ ଯାଉଥିଲେ । ବ୍ୟାଙ୍କରୁ ଟଙ୍କା ଉଠାଇ ଫେରୁଥିବା ଲୋକଙ୍କ ଉପରେ ନଜର ରଖି ତାଙ୍କୁ ପିଛା କରୁଥିଲେ ଏବଂ ସୁଯୋଗ ପାଇବା ମାତ୍ରେ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଉଥିଲେ । ଏଭଳି ଏକ ଗ୍ୟାଙ୍ଗକୁ ଧରିଛି ଖଲ୍ଲିକୋଟ ପୁଲିସ । ଗିରଫ ୩ ଜଣ ଅଭିଯୁକ୍ତ ହେଲେ ଆସିକା ଥାନା ଅନ୍ତର୍ଗତ କରତୋଳି ଗ୍ରାମର ଶିବ ଦାସ (୩୦), କୋଟିନଡା ଥାନା ଅନ୍ତର୍ଗତ ସାହାପୁର ଗ୍ରାମର ଏ. ସନ୍ତୋଷ (୨୪), ସୋରଡ଼ା ଥାନା କଇଠପଲ୍ଲୀ ଗ୍ରାମର ସୁରେଶ ଦାସ (୨୨) । ଏନେଇ ଖଲ୍ଲିକୋଟ ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ ସୂଚନା ଦେଇଛନ୍ତି ।

ତାଙ୍କ ସୂଚନାନୁସାରେ, ଗତ ୩ ତାରିଖରେ ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନା ଅଞ୍ଚଳର ରଞ୍ଜନ କୁମାର ସ୍ୱାଇଁ ନାଚୁଣୀ ଷ୍ଟେଟ ବ୍ୟାଙ୍କକୁ ୨ ଲକ୍ଷ ଟଙ୍କା ଡିପୋଜିଟ କରିବାକୁ ଯାଇଥିଲେ । ସେଠାରେ ଏକ ଲକ୍ଷ ଟଙ୍କା ଡିପୋଜିଟ କରିଥିବା ବେଳେ କୌଣସି କାରଣରୁ ଆଉ ଡିପୋଜିଟ ହୋଇ ପାରିନଥିଲା । ତେଣୁ ଅବଶିଷ୍ଟ ୧ଲକ୍ଷ ଟଙ୍କା ଗାଡିର ଡ଼ିକିରେ ରଖି ଭେଜିପୁଟ ଆସିଥିଲେ । ଭେଜିପୁଟରେ ଗାଡି ରଖି ଚା' ପିଉଥିବା ବେଳେ ଏକ ବାଇକରେ ଦୁର୍ବୃତ୍ତମାନେ ଆସି ଗାଡ଼ି ଡ଼ିକି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ । ଏନେଇ ରଞ୍ଜନ ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ । ଖଲ୍ଲିକୋଟ ଥାନା କେସ ନମ୍ବର ୧୦୧୫/୨୦୨୫ ଅନୁଯାୟୀ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୁଲିସ । ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ, ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇଙ୍କ ତତ୍ତ୍ୱାବଧାନରେ ଲୁଟେରା ମାନଙ୍କୁ ଧରିବା ପାଇଁ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଓ ଦୁଇ ଜଣ କନେଷ୍ଟବଳଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା । ବିଭିନ୍ନ ସ୍ଥାନରେ ଚଢ଼଼ଉ କରିବା ପରେ ଆଜି ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଥିଲେ । ସେମାନଙ୍କ ଠାରୁ ନଗଦ ୩ ଲକ୍ଷ ଟଙ୍କା ଏବଂ ଘଟଣାରେ ବ୍ୟବହୃତ ଏକ ବାଇକ ଜବତ କରିଛି ପୁଲିସ । ତେବେ ଜବତ ହୋଇଥିବା ବାଇକଟି ଗତ ଏପ୍ରିଲ ୨୦୨୩ରେ ଛତ୍ରପୁର ଥାନା ଅଞ୍ଚଳରୁ ଚୋରି ହୋଇଥିବା ଓ ସେଥିରେ ଲାଗିଥିବା ନମ୍ବର ପ୍ଲେଟଟି ଅନ୍ୟ ଏକ ଚୋରା ବାଇକର ବୋଲି ଆଇଆଇସି ରମେଶ

## ବ୍ୟାଙ୍କ ଗ୍ରାହକଙ୍କୁ କରୁଥିଲେ ଟାର୍ଗେଟ

କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏହି ଘଟଣା ବ୍ୟତିତ ଉକ୍ତ ଲୁଟେରା ଗ୍ୟାଙ୍ଗ କଟକ ଜିଲ୍ଲା କଳାପଥର ସ୍ଥିତ କାନାରା ବ୍ୟାଙ୍କ ନିକଟରୁ ୩ ଲକ୍ଷ ଟଙ୍କା ଲୁଟ କରିଥିବା ବେଳେ ଗତ ମାର୍ଚ୍ଚ ମାସରେ କୋମଣ୍ଡ ଗ୍ରାମରୁ ଏକ ସୁନା ଚେନ ଏବଂ ଅଗଷ୍ଟ ମାସରେ ରମ୍ଭା ବାଇପାସ୍‌ରୁ ଆଉ ଏକ ସୁନା ଚେନ ଲୁଟ କରିଥିବା ସୂଚନା ଦେଇଛନ୍ତି ଏସଡିପିଓ ଘଡେଇ । ଏହି ଲୁଟେରା ଗ୍ୟାଙ୍ଗରେ ୪ ଜଣ ଥିବା ବେଳେ ୩ ଜଣ ଗିରଫ ହୋଇଛନ୍ତି ଏବଂ ଆଉ ଜଣେ ଫେରାର ଥିବା ପୁଲିସ ସୂଚନା ଦେଇଛି ।

# ଅଜଣା ଗାଡ଼ି ଧକ୍କାରେ ୨ ଗୁରୁତର





ପାତ୍ରପୁର, ୨୮ ।୧୨(ସମିସ): ଜରଡ଼ା ଥାନା ଅନ୍ତର୍ଗତ ଭଲିଆସାହି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ସାପୁଆଖତ ଗ୍ରାମର ରମା ବଡ଼ରଇତ (୧୯) ଓ ରାଧା ଭୂୟାଁ (୧୮) । ଉଭୟ କୌଣସି କାମରେ ବାଇକ୍ ଯୋଗେ ବୁରାତାଲ ଯାଇ ଫେରୁଥିବାବେଳେ ଭଲିଆସାହି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇ ରାସ୍ତାରେ ପଡ଼ିଥିଲେ । ଉଭୟଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ତୁମ୍ବା ଓ ପରେ ପାତ୍ରପୁର ମେଡ଼ିକାଲ ଭର୍ତ୍ତି କରିଥିଲେ । ରମାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ରାଧାଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଛି । ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

● ଜଗା ଦର୍ଶନ କରି ଫେରିବାବେଳେ ଦୁର୍ଘଟଣା

# କାର୍‌କୁ ଧକ୍କା ଦେଇ ୨ଶହ ମିଟର ଘୋଷାଡ଼ି ନେଲା ଟ୍ରକ୍

ଖଲ୍ଲିକୋଟ, ୨୮ ।୧୨(ସମିସ): ହାଇଦ୍ରାବାଦ୍‌ର ଏକ ପରିବାର ପୁରୀରୁ ଜଗା ଦର୍ଶନ ସାରି ଫେରିବାବେଳେ ଖଲ୍ଲିକୋଟ ନିକଟରେ ଘଟିଛି ଦୁର୍ଘଟଣା । ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଲଙ୍ଗଳେଶ୍ୱର ନିକଟରେ ରବିବାର ସନ୍ଧ୍ୟାରେ ସେମାନଙ୍କ କାର୍ (ଟିଜି୦୫-୧୨୪୮)କୁ ପଛରୁ ଆସୁଥିବା ଏକ ଟ୍ରକ୍ (ନଂ.୧୧ଜିବି-୯୪୯୫) ଧକ୍କା ଦେଇ ୨ ଶହ ମିଟର ଘୋଷାଡ଼ି ନେଇଥିଲା । ଲୋକ ପାଟିତୁଣ୍ଡ କରିବା ପରେ ଟ୍ରକ ଅଟକିଥିଲା । ତେବେ ଏଥିରେ କେହି ଆହତ ହୋଇ ନଥିଲେ ମଧ୍ୟ ଟ୍ରକ ଚାଳକ ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଇଥିଲା । ଏସ୍‌ଆଇ ମାନସୀ ସାହୁ ପୁଲିସ ଟିମ ସହ ପହଞ୍ଚି ତଦନ୍ତ କରୁଛନ୍ତି ।

# ନିଖିଳ ଉତ୍କଳ ତେଲ୍‌ଗା ଦୋରା ସମାଜର ମହାସଭା



ବ୍ରହ୍ମପୁର, ୨୮ ।୧୨(ସମିସ): ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ନିଖିଳ ଉତ୍କଳ ତେଲ୍‌ଗା ଦୋରା ସମାଜର ମହାସଭା-୨୦୨୫ ସଭାପତି ଇ. ମଦନ ଗୋପାଳ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଅନିଲ କୁମାର, କେନ୍ଦ୍ର ସମ୍ପାଦକ ଗୋପାଳ ଦୋରା, କେନ୍ଦ୍ର ମହିଳା ସଭାପତି ଇ. ମହେଶ୍ୱରୀ ଦୋରାଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମସ୍ତ ସର୍କଲ ସଭାପତି ଓ ସମ୍ପାଦକମାନେ ମଞ୍ଚାସିନ ଥିଲେ । ଉପସ୍ଥିତ ଅତିଥିମାନେ ନିଖିଳ ଉତ୍କଳ ତେଲଗା ଦୋରା ସମାଜ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଆଗାମୀ ଦିନରେ ସମାଜକୁ ସୁଦୃଢ଼ କରିବା ଦିଗରେ ଆହ୍ୱାନ ଦିଆଯାଇଛି ।

● ଦଣ୍ଡନାଚ ମହାସଂଘର ବନ୍ଧୁମିଳନ

# ଅପସଂସ୍କୃତି ବିହୀନ ସାମାଜିକ ନାଟକ ପାଇଁ ସହମତି



କବିସୂର୍ଯ୍ୟନଗର, ୨୮ ।୧୨(ସମିସ): କବିସୂର୍ଯ୍ୟନଗରରେ ଗଞ୍ଜାମ ଜିଲ୍ଲା ଦଣ୍ଡନାଚ ମହାସଂଘର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦଣ୍ଡଯାତ୍ରାରେ ସାମାଜିକ ନାଟକ କରିବାକୁ ସମସ୍ତେ ବାନ୍ଧିଲେ ମେଳି । କବିସୂର୍ଯ୍ୟନଗର-ଗଞ୍ଜାମ ଜିଲ୍ଲା ଦଣ୍ଡନାଚ ମହାସଂଘ ତରଫରୁ କବିସୂର୍ଯ୍ୟନଗର ମିନି ଷ୍ଟାଡିୟମରେ ରବିବାର ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗଞ୍ଜାମ ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ସୁରଥ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ବହୁ ଦଣ୍ଡନାଚ ସଂଗଠନର ମ୍ୟାନେଜର, ଅଧିକାରୀ ଓ କର୍ମକର୍ତ୍ତା, ନିର୍ଦ୍ଦେଶକ ସଂଘ, ଚିତ୍ରାଳୟ ସଂଘ, ନୃତ୍ୟ ସଂଘ, କାରିଗର ସଂଘ, ଚଢ଼େୟା ସଂଘ, ଢୋଲିଆ ସଂଘର କର୍ମକର୍ତ୍ତାଙ୍କ ସହିତ ଅନ୍ୟମାନେ ଯୋଗଦେଇଥିଲେ । ଆଗାମୀ ଦଣ୍ଡନାଚ ବେଳେ ରାତ୍ର ମଞ୍ଚରେ ଅପସଂସ୍କୃତି ବିହୀନ ସାମାଜିକ ନାଟକ ମଞ୍ଚସ୍ଥ ନିଶ୍ଚିତ ହେବ ବୋଲି ସମସ୍ତେ ସହମତି ପ୍ରକାଶ କରିଥିଲେ । ଯେଉଁମାନେ ସାମାଜିକ ନାଟକ ବିରୋଧରେ ଅପପ୍ରଚାର ଚଳେଇ ଲୋକଙ୍କୁ ଭ୍ରମିତ କରୁଛନ୍ତି ସେମାନଙ୍କ ବିରୋଧରେ ବୈଠକରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଦଣ୍ଡନାଚ ମହାସଙ୍ଘର ସଭାପତି ବ୍ରଜସୁନ୍ଦର ମଳିକ, ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଭାପତି ରାଜଗୋପାଳ ପାଢ଼ୀ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଟୁଟୁ ପାଢ଼ୀ, ରାଜ୍ୟ ଚିତ୍ରାଳୟ ମାଲିକ ସଂଘର ସମ୍ପାଦକ ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ନାଟ୍ୟ ସଂଗଠକ ଭବାନୀ ଶଙ୍କର ମଳିକ, ବ୍ରହ୍ମପୁର କଳାକାର ଏକତା ମଞ୍ଚର ସଭାପତି ଅନିଲ ପାତ୍ର, ଦଣ୍ଡନାଚ ମହାସଂଘର ସମ୍ପାଦକ ବିବେକାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ କୃତିବାସ ଡାକୁଆ, ନିର୍ଦ୍ଦେଶକ ମୋହିନୀ ଗୌଡ଼, କୃଷ୍ଣଚନ୍ଦ୍ର ପଣ୍ଡା, କୈଳାସ ପାଣିଗ୍ରାହୀ, ସୁଶାନ୍ତ ପଟ୍ଟନାୟକ, ଲୋକନାଥ ପାଣିଗ୍ରାହୀ, ଭଗବାନ ପରିଡ଼ା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ନାଟ୍ୟ ନିର୍ଦ୍ଦେଶକ ରମାକାନ୍ତ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସ୍ଥିତ ସମସ୍ତ ସଂଗଠନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁବାସ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ସର୍ଜରୀ କ୍ଷେତ୍ରରେ ଲୋଟସ୍ ହସ୍ପିଟାଲ୍ ବିଶାଖାପଟ୍ଟନମ୍‌ର ସଫଳତା



ବ୍ରହ୍ମପୁର, ୨୮ ।୧୨(ସମିସ): ପ୍ରତିବର୍ଷ ୨୯ଡିସେମ୍ବରରେ ଭାରତର ଶିଶୁ ସର୍ଜରୀ ପିତାମହ ପ୍ରଫେସର ପି. କେ. ସେନ୍‌ଙ୍କ ଜନ୍ମବାର୍ଷିକୀ ଅବସରରେ ଜାତୀୟ ଶିଶୁ ସର୍ଜରୀ ଦିବସ ପାଳିତ ହେଉଛି । ଏହି ଅବସରରେ ଲୋଟସ୍ ହସ୍ପିଟାଲ୍, ବିଶାଖପଟ୍ଟନମ୍ ଜାତୀୟ ଶିଶୁ ସର୍ଜରୀ ଦିବସକୁ ଗର୍ବ, ଗୌରବ ଏବଂ ଦାୟିତ୍ୱର ସହିତ ପାଳନ କରୁଛି । ନବଜାତ ଶିଶୁ ଏବଂ ଶିଶୁମାନଙ୍କ ପାଇଁ ଆବଶ୍ୟକ ଥିବା ଆଧୁନିକ, ନୈତିକ ଏବଂ ସମୟୋଚିତ ସର୍ଜିକାଲ୍ ଚିକିତ୍ସା ପ୍ରଦାନ କରିବା ପ୍ରତି ହସ୍ପିଟାଲ୍ ତାହାର ଦୃଢ଼ ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି । ସଂକୀର୍ଣ୍ଣ ଜନ୍ମଜାତ ତ୍ରୁଟି, ନବଜାତ ଆପାତକାଳୀନ ସ୍ଥିତିର ଚିକିତ୍ସାରୁ ଆରମ୍ଭ କରି ମିନିମାଲି ଇନଭେସିଭ୍ ଏବଂ ପୁର୍ନନିର୍ମାଣ ସର୍ଜରି ପର୍ଯ୍ୟନ୍ତ, ଲୋଟସ୍ ହସ୍ପିଟାଲ୍‌ର ଶିଶୁ ସର୍ଜରୀ ଟିମ୍ ଡା. ଏମ୍. ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ, ନିଓନାଟୋଲଜିଷ୍ଟମାନେ ଡା. କେ. ଶେଷଗିରି ଏବଂ ଡା. ଏମ୍. ଶ୍ରୀନିବାସ ରେଡ୍ଡିଙ୍କ ସହ, ଅନେସ୍ଥେଟିଷ୍ଟ, ନର୍ସିଂ କର୍ମଚାରୀ ଏବଂ ଅନ୍ୟାନ୍ୟ ସହାୟକ ବିଶେଷଜ୍ଞମାନଙ୍କ ସହ ନିକଟ ସମନ୍ୱୟରେ କାମ କରି ପ୍ରତ୍ୟେକ ଶିଶୁ ପାଇଁ ସର୍ବୋତ୍ତମ ଚିକିତ୍ସା ଫଳାଫଳ ସୁନିଶ୍ଚିତ କରୁଛନ୍ତି । ଏହି ଅବସରରେ ଲୋଟସ୍ ହସ୍ପିଟାଲ୍ ଏ ପର୍ଯ୍ୟନ୍ତ ସଫଳତାର ସହିତ ସମ୍ପନ୍ନ ହୋଇଥିବା ୪୬୮ଟି ଶିଶୁ ସର୍ଜରୀରେ ସଫଳତାକୁ ଉତ୍ସବ ରୂପେ ପାଳନ କରୁଛି ।

# ମୁଜାଗଡ଼ ପାଠଶାଳାର ବାର୍ଷିକ ଉତ୍ସବ



ଭଞ୍ଜନଗର, ୨୮ ।୧୨(ସମିସ): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଉପସେବା କେନ୍ଦ୍ର ଭଞ୍ଜନଗର ତରଫରୁ ଶାଖା କେନ୍ଦ୍ର ମୁଜାଗଡ଼ ପାଠଶାଳାର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଶାନ୍ତି ଶୋଭା ଯାତ୍ରା, ସ୍ନେହ ମିଳନ ପର୍ବ, ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅତିଥି ଶିକ୍ଷକ ମହେନ୍ଦ୍ର ଘଡେଇଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ମଞ୍ଚାସୀନ ଅତିଥି ରାଜଯୋଗୀ ଅକ୍ଷୟ ଭାଇ ସଂସ୍ଥା ପରିଚୟ, ରାଜଯୋଗିନୀ ସୁଭଦ୍ରା ଭଉଣୀ ଅତିଥି ପରିଚୟ, ଭଞ୍ଜନଗର ଉପସେବା କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ସନ୍ତୋଷିନୀ ଭଉଣୀ ପରମାତ୍ମା ଶିବଙ୍କ ସତ୍ୟ ପରିଚୟ ପ୍ରଦାନ ପରେ ଅତିଥି ମହୋଦୟ ଈଶ୍ୱରୀୟ ସ୍ୱ ଅନୁଭୁତି ପ୍ରଦାନ ସହିତ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ । ବୈକୁଣ୍ଠ ଭାଇ ମଞ୍ଚ ପରିଚାଳନା, ପିଙ୍କି ଭଉଣୀ ସ୍ୱାଗତ ଭାଷଣ ଏବଂ ପ୍ରାପ୍ତି ଭଉଣୀ ଧନ୍ୟବାଦ ଅର୍ପଣ କରିଥିଲେ । ଅଲିଭା ଭଉଣୀ, ଅନିତା ଭଉଣୀ ସମେତ ସମସ୍ତ ଆଧ୍ୟାତ୍ମିକ ପ୍ରେମୀ ଭାଇ ଓ ଭଉଣୀଙ୍କ ସହଯୋଗ କରିଥିଲେ ।

ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଷଷ୍ଠ ଦିନରେ ଆଇସିସି ଇଚ୍ଛାପୁରମ୍ ବିଜୟୀ





ରମ୍ଭା, ୨୮ ।୧୨(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିନରେ ପାନାସୋନିକ ଆସ୍କା ସହ ଆଇସିସି ଇଚ୍ଛାପୁରମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବ୍ଲକ ସାବୁଲିଆ ଗ୍ରାମପଞ୍ଚାୟତର ବିଜେପି ଯୁବ ନେତା ସୋନି ପଲେଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହା ସହ ଉପାଧ୍ୟକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ପ୍ରମୁଖ ମଞ୍ଚାସିନ ରହିଥିଲେ । ଆସ୍କା ଦଳ ୨୦ ଓଭରରେ ୮ ୱିକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା । ଜବାବରେ ଇଚ୍ଛାପୁରମ୍ ଦଳ ୧୬୮ ରନ କରି ବିଜୟ ହାସଲ କରିଥିଲା । ଭାଷ୍ୟକାର ସନ୍ତୋଷ କୁମାର ନାହାକ ଓ ମହେଶ ମୁଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଜଗନ୍ନାଥ ଚୌଧୁରୀ( ବ୍ରହ୍ମପୁର), ରହିଥିବା ବେଳେ ଏମ୍ପାୟାର ଆଶୁତୋଷ ପାଣି (ଯାଜପୁର) ଓ ହିମାଂଶୁ ବୈଠାରୁ ରମ୍ଭା ରହିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଇଚ୍ଛାପୁରମର ବି. ଲିଖିତଙ୍କୁ ପ୍ରଦାନ କରଯାଇଥିଲା ।

# ଦୁର୍ଘଟଣାରେ ୩ ଗୁରୁତର

ଖଲ୍ଲିକୋଟ, ୨୮ ।୧୨(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚିକିଲି ଗ୍ରାମ ନିକଟରେ ରବିବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୩ ଜଣ ଯୁବକ ଗୁରୁତର ହୋଇଛନ୍ତି । ଡାମଣାଖୋଲ ଗ୍ରାମରୁ ଆକାଶ ନାହାକ, ମୁନା ଗୌଡ଼, ସଞ୍ଜୟ ନାହାକ ଗୋଟିଏ ବାଇକରେ ଚିକିଲି ଅଭିମୁଖେ ଯାଉଥିବା ବେଳେ ଚିକିଲି ନିକଟରେ ଭାରସାମ୍ୟ ହରାଇବାରୁ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସଞ୍ଜୟଙ୍କ ଅବସ୍ଥା ସ୍ଥିର ରହିଥିବା ବେଳେ ଆକାଶ ଓ ମୁନାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

● ବୁଦାରେ ପଶୁପକ୍ଷୀଙ୍କ ଔଷଧ ପଡ଼ିବା ଘଟଣା

# ଉପଖଣ୍ଡ ଅଧିକାରୀଙ୍କ ଘଟଣାସ୍ଥଳ ପରିଦର୍ଶନ

ବେଲଗୁଣ୍ଠା, ୨୮ ।୧୨(ସମିସ): ବେଲଗୁଣ୍ଠା ବ୍ଲକ ଜାଲଖାଇ ଗ୍ରାମ ନିକଟସ୍ଥ ଏକ ବୁଦାରେ ଅବଧି ପୂରଣ ପୂର୍ବରୁ ଗୃହପାଳିତ ପଶୁପକ୍ଷୀଙ୍କ ଔଷଧ ପଡ଼ିଥିବା ଘଟଣା ସମ୍ପର୍କରେ ଶନିବାର ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପରେ ପ୍ରାଣୀ ଚିକିତ୍ସା ବିଭାଗର ଉପଖଣ୍ଡ ଅଧିକାରୀ ଡାକ୍ତର ଗଣେଶ ଚନ୍ଦ୍ର ମହାନ୍ତି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଘଟଣା ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖିଛନ୍ତି । ଡାକ୍ତର ମହାନ୍ତିଙ୍କ ପ୍ରତିକ୍ରିୟା ଅନୁସାରେ ଏହି ଔଷଧ କୌଣସି ପ୍ରାଣୀ ଚିକିତ୍ସା କେନ୍ଦ୍ରରୁ ଆସିନାହିଁ । ବିଭିନ୍ନ ଘରୋଇ କୁକୁଡ଼ା ଫାର୍ମରେ କୁକୁଡ଼ାଙ୍କ ଟିକାକରଣ ପାଇଁ ଆସୁଥିବା ଏହା ଏକ ତରଳ ରାସାୟନିକ ପଦାର୍ଥ ବୋଲି ସେ ପ୍ରକାଶ କରିଛନ୍ତି । ବିଭିନ୍ନ ଘରୋଇ କମ୍ପାନିମାନେ ଏହି ଔଷଧକୁ କୁକୁଡ଼ା ଫାର୍ମକୁ ଯୋଗାଇଥାନ୍ତି । ଏହା ସହିତ କୌଣସି ସରକାରୀ ପ୍ରାଣୀ ଚିକିତ୍ସା କେନ୍ଦ୍ରର ସମ୍ପର୍କ ନାହିଁ ବୋଲି ଡାକ୍ତର ମହାନ୍ତି ପ୍ରକାଶ କରିଛନ୍ତି ।

# କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ବେଲଗୁଣ୍ଠା, ୨୮ ।୧୨(ସମିସ): ସୋରଡା ନିର୍ବାଚନମଣ୍ଡଳୀ ସ୍ତରୀୟ କଂଗ୍ରେସ୍‌ର ୧୪୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପିସିସି ସଦସ୍ୟ ତଥା ସୋରଡା କଂଗ୍ରେସ ବିଧାୟକ ପ୍ରାର୍ଥୀ ହରିକୃଷ୍ଣ ରଥଙ୍କ ନେତୃତ୍ୱରେ ବଡ଼ଗଡ଼ଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ସୋରଡା ଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ ଏହି ଶୋଭାଯାତ୍ରା ଲାଠିପଡ଼ା, ବଡ଼ବୋରସିଂ, କାଳିଆଗୁଡା ଦେଇ କଣ୍ଟେଇପଲ୍ଲୀ, ଷଡ଼ଙ୍ଗୀପଲ୍ଲୀ, ନାଟଙ୍ଗା, ମନ୍ଦାର, ଇଙ୍ଗିନାଠୀ, ତନରଡା, ବେଲଗୁଣ୍ଠା ଦେଇ ମଙ୍ଗଳପୁର ଠାରେ ଶେଷ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ୍ ସଂଗଠକ ସତ୍ୟନାରାୟଣ ପାତ୍ର, ଦିଲ୍ଲୀପ ସୁଆର, ସନ୍ତୋଷ ପଟ୍ଟନାୟକ, ସନ୍ତୋଷ ସାହୁ, ବିନାୟକ ଗୌଡ଼, ଅଭିଷେକ ଦଳବେହେରା ଏବଂ ଭୀମ ବିଷୋୟୀଙ୍କ ସମେତ ବହୁ କର୍ମୀ ଏବଂ ଯୁବକ ସାମିଲ ହୋଇଥିଲେ ।

# ରଜକ ସମାଜ ସଭାପତିଙ୍କ ପରଲୋକ

ପାତ୍ରପୁର, ୨୮ ।୧୨(ସମିସ): ପାତ୍ରପୁର ବ୍ଲକ ସୁରଙ୍ଗି ତାଲୁକା ରଜକ ସମାଜର ସଭାପତି କୋରାମଣି ସେଠୀଙ୍କ ରବିବାର ସକାଳେ ପରଲୋକ ଘଟିଛି । ଗତ ୨୫ ତାରିଖରେ ସେ ଛାତିର ଯନ୍ତ୍ରଣା ଅନୁଭବ କରିବାରୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ସେ ସୁରଙ୍ଗି ରଜକ ସମାଜର ୨୦୦୫ ଠାରୁ ବର୍ତ୍ତମାନ ଯାଏଁ ସଭାପତି ଭାବେ କାର୍ଯ୍ୟଭାର ତୁଲାଇ ଆସୁଥିଲେ । ତାଙ୍କ ଦେହାନ୍ତ ଖବର ପାଇ ସୁରଙ୍ଗି ରଜକ ସମାଜର ତାଲୁକା ବେହେରା ନରସିଂହ ସେଠୀ, ସମ୍ପାଦକ ଶିବ ପ୍ରସାଦ ସେଠୀ, ଉପ ସଭାପତି ପିଣ୍ଟୁ ସେଠୀଙ୍କ ସମେତ ବର୍ତ୍ତମାନ ଓ ପୂର୍ବତନ ସଦସ୍ୟ ଶୋକ ପ୍ରକାଶ କରିଥିଲେ । କୋରାମଣିଙ୍କ ମରଶରୀରକୁ ନିଜ ଜନ୍ମ ମାଟି ତିତିଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି । ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ, ଦୁଇ ବୋହୂ, ଝିଅ ଓ ନାତିନାତୁଣୀଙ୍କ ସମେତ ରଜକ ସମାଜର ବହୁ ଲୋକ ଉପସ୍ଥିତ ଥିଲେ ।

ବର୍ଷ ଶେଷ ରବିବାର

# ମହୁରୀ କାଳୁଆ ପୀଠରେ ଜମିଲା ପିକନିକ୍ ଆସର

କୁକୁଡ଼ାଖଣ୍ଡି, ୨୮ ।୧୨(ସମିସ)





ବର୍ଷକର ଶେଷ ରବିବାର ଥିବାରୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକର ମହୁରୀ କାଳୁଆ ପୀଠରେ ମଧ୍ୟ ପର୍ଯ୍ୟଟକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା । ଏହି ପୀଠର ସ୍ୱତନ୍ତ୍ରତା ରହିଥିବା ବେଳେ ମା'ଙ୍କ ମହିମା ଅପାର । ତତ୍‌ସହିତ ଏଠାରେ ପିକ୍‌ନିକ୍ କରିବା ଲାଗି ଭଲ ଭିତ୍ତିଭୂମି ଓ ଶାନ୍ତ ସରଳ ପରିବେଶ ସମସ୍ତଙ୍କୁ ମହୁଆ କରିଛି । ପର୍ଯ୍ୟଟକ ମାନେ ଏଠାକୁ ଆସି ମା'ଙ୍କୁ ଦର୍ଶନ କରିବା ପରେ ଭୋଜିଭାତ ସହ ନାଚଗୀତ କରି ମଜା ନେଇଥିଲେ । ଏଠାକୁ ଯିବାକୁ ସୁନ୍ଦର ରାସ୍ତା ଥିବା ବେଳେ ପାନୀୟ ଜଳ ଆଦିର ସୁବିଧା ରହିଛି । ନିକଟରେ ଏକ ପାର୍କ ମଧ୍ୟ ରହିଛି । ସେହିଭଳି ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ ଚାଲିଥିବା ବେଳେ ଆସନ୍ତା ଦିନରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ମହୁରୀ କାଳୁଆ ପୀଠ ସ୍ୱତନ୍ତ୍ର ପୃଷ୍ଠା ଲେଖିବ ବୋଲି ପର୍ଯ୍ୟଟନବିତ୍ ଆଶାବ୍ୟକ୍ତ କରିଛନ୍ତି ।

ପୀଠର ସ୍ୱତନ୍ତ୍ରତା ନେଇ ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଜଣାଯାଏ, ଏକଦା ମା' ମହୁରୀ କାଳୁଆ କେରାଣ୍ଡିମାଳ ପର୍ବତରେ ଏକ ଗୁମ୍ଫା ଭିତରେ ଥିବା କଥା ମହୁରୀ ରାଜାଙ୍କୁ ସ୍ୱପ୍ନାଦେଶରେ କହିଥିଲେ । ପରେ ରାଜା ସେଠାରେ ମା'ଙ୍କ ପୂଜାର୍ଚ୍ଚନା ପାଇଁ ଜଣେ ସେବାୟତଙ୍କୁ ନିୟୋଜିତ କରିଥିଲେ । ରାଜାଙ୍କ କଥାମାନି ସେଠାରେ ସେବାୟତ ପ୍ରତିଦିନ ସେବା କରୁଥିବା ବେଳେ ରାଜା ମଧ୍ୟ ଶକ୍ତିବୃଦ୍ଧି ପାଇଁ ସେଠାରେ ଦେବୀଙ୍କଠାରେ ଅଧିଆ ପଡୁଥିଲେ । ଦିନେ ସେବାୟତ ମା'ଙ୍କ ପୂଜାର୍ଚ୍ଚନା ସାରି ଫେରିଥିଲେ । ସେଠାରେ ନିତ୍ୟ ପୂଜା ପାଇଁ ବ୍ୟବହାର୍ଯ୍ୟ ଡାଳ' ବା ପାଣି ରଖିବା ପାତ୍ରକୁ ଛାଡ଼ି ଦେଇଥିବା ହେତୁ ପୁଣି ଗୁମ୍ଫା ନିକଟକୁ ଫେରିଥିଲେ । ସେଠାରେ ଦେବୀ ଖାଦ୍ୟ ଭକ୍ଷଣ କରୁଥିବା ହେତୁ ଏହି ସମୟରେ କାହିଁକି ଆସିଲୁ ବୋଲି କହି ସେବାୟତ ଉପରେ ରାଗିଯିବା ସହ ଉକ୍ତ ପାତ୍ରକୁ ଫୋପାଡ଼ି ଦେଇଥିଲେ । ପୂଜକ ଭୟାର୍ତ୍ତ ହେବାରୁ ସେହି ଡାଳ ଯେଉଁଠାରେ ପଡ଼ିଲା ସେଠାରେ ପୂଜାର୍ଚ୍ଚନା କରିବାକୁ ଦେବୀ କହିଥିଲେ । ସେହିଦିନଠାରୁ ମା'ଙ୍କୁ ମହୁରୀକାଳୁଆ ପାହାଡ଼ ତଳେ ପୂଜା କରାଯାଉଛି । ମହୁରୀ ରାଜାଙ୍କ ଇଷ୍ଟଦେବୀ ହେଉଛନ୍ତି ମା' ମହୁରୀ କାଳୁଆ । ମା'ଙ୍କ ପୀଠ ଚର୍ତୁପାର୍ଶ୍ୱରେ ମାଟିର ଉଇହୁଙ୍କା ରହିଛି । ଏଗୁଡ଼ିକ ଯୋଗୀଗଣ ବା ମାଟିଶକ୍ତି ବୋଲି ସେବାୟତ କହନ୍ତି । ପ୍ରତ୍ୟେକ ସଂକ୍ରାନ୍ତି ଓ ରବିବାର, ମଙ୍ଗଳବାର, ଶନିବାର ଦିନ ମନ୍ଦିର ପରିସର ଗହଳି ରହିଥାଏ । ମାଁଙ୍କ ମୁଖ୍ୟ ମନ୍ଦିର ତଥା ପାହାଡ଼ ଉପରେ ଥିବା ଆର୍ବିଭାବ ସ୍ଥଳରେ ମଧ୍ୟ ଏହି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହେଉଛି । ଆଖପାଖ ଅଞ୍ଚଳ ସମେତ ରାଜ୍ୟ ବାହାରୁ ମଧ୍ୟ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି । ମହୁରୀ କାଳୁଆ ଏକ ସର୍ବପୁରାତନ ଓ ପ୍ରସିଦ୍ଧ ଶକ୍ତି ପୀଠ ହୋଇଥିବାରୁ ଏଠାରେ ଯାହା ମାନସିକ କଲେ ପୂର୍ଣ୍ଣ ହୁଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି । ଏଠାକାର ବିଭିନ୍ନ ପ୍ରଥା ଓ ପରମ୍ପରା ବ୍ରିଟିଶ୍ ଅମଳରୁ ଚଳିଆସିଥିବା କୁହାଯାଉଥିଲେ ହେଁ ରାଜାରାଜୁଡ଼ା ଶାସନର ଛାପ ଆଜି ବି ଦିବ୍ୟମାନ ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରେମଲତା ମହାନ୍ତି

ଆର୍ବିଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

ସକାଳ
THE SAKALA



www.sakalaepaper.com

## ମହେନ୍ଦ୍ରତନୟା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

# ପାରଳା ମାଟିକୁ ସମୃଦ୍ଧ କରିଛନ୍ତି ପଣ୍ଡିତ ଗୋପିନାଥ

ପାରଳାଖେମୁଣ୍ଡି,୨୮ ।୧୨(ସମିସ)



ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା ଅନ୍ତର୍ଗତ ଗଜପତି ଶାଖା ମହେନ୍ଦ୍ରତନୟା ସାହିତ୍ୟ ସଂସଦର ବାର୍ଷିକୋତ୍ସବ ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ରୂପେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସଂଗଠନ ସମ୍ପାଦକ ନାରାୟଣ ନାୟକ, ରାଜ୍ୟ ସହ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଡ଼. କଲ୍ୟାଣୀ ମିଶ୍ର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଯୋଗ ଦେଇଥିଲେ । ରାଜେନ୍ଦ୍ର କୁମାର ରଥ ଅତିଥିଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ମନୋଜ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ନିଜ ଅଭିଭାଷଣରେ ସାହିତ୍ୟ, ସଂସ୍କୃତି ଓ ବୀରତ୍ୱରେ ପାରଳାର ଅଗ୍ରପଥିକତ୍ୱ ଗାଥା ବର୍ଣ୍ଣନା କରିଥିଲେ । ସେହିପରି ପାରଳାର ପଣ୍ଡିତ ଗୋପୀନାଥ ନନ୍ଦ ପ୍ରଥମ ଶବ୍ଦକୋଷ ଅଭିଧାନ ଲେଖି ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିବା ପ୍ରକାଶ କରିଥିଲେ । ରୀତି ଯୁଗୀୟ ଶ୍ରେଷ୍ଠକବି କବି କଳହଂସଙ୍କ ପଦ୍ୟାବଳୀ ଘରେ ଘରେ ପରିଚିତ ହେବା ସହ ବର୍ତ୍ତମାନ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯାଉଥିବା ପାରଳା ପାଇଁ ଗୌରବ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ନିଜ ବକ୍ତବ୍ୟରେ ଆମେ ସମସ୍ତେ ନିଜ ଭିତରେ ଥିବା ଭେଦଭାବ ଭୁଲି ଏକ ହୋଇ ଦେଶ ମାତୃକାର ସେବା କରିବା ସହ ଇଂରାଜୀ ଭାଷାକୁ ଗୁରୁତ୍ୱ ନ ଦେଇ ନିଜ ମାତୃଭାଷାର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ପାଇଁ ନିବେଦନ କରିଥିଲେ । ଯୁବ ସାହିତ୍ୟିକ ତଥା ଅଧ୍ୟାପକ ଡ଼. ରଘୁନାଥ ଓଝା ପାରଳାର ଭାଷା, ସଂସ୍କୃତି, ସାହିତ୍ୟ ଓ ଦେଶ ସ୍ୱାଧୀନତାରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ସମେତ ବୀର ପାଇକମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ସେହିପରି ବନ୍ଦେ ମାତରଂ ଗୀତର ୧୫୦ ବର୍ଷ ପାଳନ ଅବସରରେ ସ୍ୱର୍ଗତ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କୁ ସ୍ମରଣ କରିବା ସହ ବିଦ୍ୟାଳୟତଥା ସମସ୍ତେ ଏକାଠି ଗାଇବା ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ବବିତା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଣ୍ଡାହାତୀରେ ସଫେଇ କଲେ ପର୍ଯ୍ୟଟକ



ପାରଳାଖେମୁଣ୍ଡି,୨୮ ।୧୨(ସମିସ): ବର୍ତ୍ତମାନ ପିକନିକ୍ ଋତୁରେ ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ଗଣ୍ଡାହାତୀ ଜଳପ୍ରପାତରେ ଅସମ୍ଭାଳ ଭିଡ଼ ଜମୁଛି । ମାତ୍ର ସ୍ୱଚ୍ଛତା ତଥା ସଫେଇ ଏବଂ କେତେକ ଆନୁସାଙ୍ଗିକ ବ୍ୟବସ୍ଥାକୁ ନେଇ ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରିଥିଲେ । ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଆସୁଥିଲେ ମଧ୍ୟ ବଣଭୋଜି କରିବା ପରେ ଆବର୍ଜନା ଗୁଡିକୁ ଏଣେତେଣେ ଫୋପାଡି ଦେଉଥିବା, ମଦ୍ୟପାନ କରିବା ପରେ ଖାଲି ଗ୍ଲାସ ଓ ଖାଲି ମଦ ବୋତଲକୁ ଗଣ୍ଡାହାତୀର ଜଳରାଶି ସମେତ ଏହାର ପରିସରରେ ଫିଙ୍ଗିଦେଉଥିବା ନେଇ ଅସନ୍ତୋଷ ଦେଖାଦେଇଥିଲା । ବିଶେଷ କରି ମହିଳା ପର୍ଯ୍ୟଟକ ଏସବୁକୁ ଦେଖି ବିରକ୍ତିଭାବ ପ୍ରକାଶ କରିଥିଲେ । ବାହାରୁ ଆସିଥିବା ପର୍ଯ୍ୟଟକଙ୍କ ଏପରି ବିରକ୍ତିଭାବକୁ ଦେଖି ବନ୍ଧୁମିଳନ କରିବାକୁ ଯାଇଥିବା ଗୁରାଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ରଗଜପତି ଉଚ୍ଚ ବିଦ୍ୟାଳୟର ୧୯୮୪ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମାନେ ବଣଭୋଜିକୁ ସାମୟିକ ଭାବେ ବନ୍ଦ କରି ସଫେଇ କରିଥିଲେ । ଗଣ୍ଡାହାତୀ ଜଳରାଶି ସମେତ ଏହାର ଆଖପାଖରେ ପଡିଥିବା ଖାଲି ମଦବୋତଲ, ଅଇଁଠା ଖଲି, ପ୍ଲାଷ୍ଟିକ ଗ୍ଲାସ ଆଦି ସହ ବଣଭୋଜିରେ ବ୍ୟବହୃତ ଅବଶିଷ୍ଟ ସାମଗ୍ରୀ ସଫେଇ କରିଥିଲେ ।

## ପିକନିକ୍ ବେଳେ ପାଇନ୍ ବଣରେ ୨ ଯୁବଗୋଷ୍ଠୀ ପିଟାପିଟି

# ଦାରିଙ୍ଗବାଡ଼ି ପୁଲିସ ପକ୍ଷରୁ ଲାଠିଚାର୍ଜ

ଦାରିଙ୍ଗବାଡି,୨୮ ।୧୨(ସମିସ): ବର୍ଷର ଶେଷ ରବିବାର ରହିଥିବାରୁ ଦାରିଙ୍ଗବାଡିରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି । ତେବେ ଦାରିଙ୍ଗବାଡିର ଡୁଲୁରୀ ପାଇନ୍ ବଣରେ ପର୍ଯ୍ୟଟକ ବଣ ଭୋଜି କରି ମଜା ନେଉଥିବା ବେଳେ କୌଣସି କାରଣରୁ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ଓ ପରେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା । ରୋଷେଇରେ ବ୍ୟବହାର ଚଟୁ, ବେଲା ସହ ବିଭିନ୍ନ ସାମଗ୍ରୀରେ ପିଟାପିଟି ହୋଇଥିଲେ ଦୁଇଗୋଷ୍ଠୀ । ସେଠାରେ ଥିବା ଅନ୍ୟ ପର୍ଯ୍ୟଟକ ଭୟଭୀତ ହୋଇପଡ଼ିଥିଲେ । ପରିବାର ନେଇ ଆସିଥିବା ପର୍ଯ୍ୟଟକ ବଣ ଭୋଜି କରୁଥିବା ବେଳେ ଭୋଜି ରାନ୍ଧି ଖାଇପାରିନଥିଲେ । ଭୟ ଓ ଆତଙ୍କରେ ପର୍ଯ୍ୟଟକ ସ୍ଥାନ ଛାଡି ଚାଲିଯାଇଥିଲେ । ଗଣ୍ଡଗୋଳକୁ ବନ୍ଦ କରିବାକୁ ଯାଇଥିବା କିଛି ଯୁବକ ଓ ପର୍ଯ୍ୟଟକ ଆହତ ହୋଇଥିଲେ । ଡୁଲୁରୀ ପର୍ଯ୍ୟଟନ କ୍ଷେତ୍ରର ପରିଚାଳକ ସଞ୍ଜୀବ ପ୍ରଧାନ ତୁରନ୍ତ ପ୍ଲିହେରୀ ସରପଞ୍ଚ ପାଉଲ ପ୍ରଧାନଙ୍କୁ ଫୋନରେ ଜଣାଇବା ପରେ ସରପଞ୍ଚ ଦାରିଙ୍ଗବାଡି ଥାନାକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ୨ ଗୋଷ୍ଠୀଙ୍କୁ ଝଗଡାକୁ ବନ୍ଦ କରିବାକୁ ଉଦ୍ୟମ କରୁଥିଲେ ହେଁ ଗଣ୍ଡଗୋଳକୁ ଦେଖି ଲାଠି ଚାଳନା କରିଥିଲା ।

## ମୃତ ଶିଶୁକୁ ଚିକିତ୍ସା ପାଇଁ ପଠାଇଲେ ଡାକ୍ତର

ପାରଳାଖେମୁଣ୍ଡି,୨୮ ।୧୨(ସମିସ): ଗଜପତି ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା ଖବର କାହାକୁ ଅଛପା ନାହିଁ । ଜଣକର ମୃତ୍ୟୁ ଘଟିଥିଲେ ମଧ୍ୟ ତାକୁ ଉଚ୍ଚ ଚିକିତ୍ସା ପାଇଁ ସ୍ଥାନାନ୍ତର କରିବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏପରି ଘଟଣା ଘଟିଛି ଗଜପତି ଜିଲ୍ଲା ଆର୍. ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ । ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଭାଲିଆସାହି ଡଲକୋଟା ଗ୍ରାମର ସରସ୍ୱତୀ ମଣ୍ଡଳ ତାଙ୍କ ୩ ମାସର ଶିଶୁପୁତ୍ରକୁ ସ୍ୱାସ୍ଥ୍ୟ ଖରାପ ଥିବାରୁ ରବିବାର ସକାଳେ ଆଣିଥିଲେ । ଅବସ୍ଥା ଗୁରୁତର ଥିବା କହି ସେଠାକାର ଚିକିତ୍ସକ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ । ତେବେ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଡାକ୍ତର ଶିଶୁପୁତ୍ରର ଦୀର୍ଘ ଘଣ୍ଟା ପୂର୍ବରୁ ମୃତ୍ୟୁ ହୋଇଥିବା କହିଥିଲେ । ସମୟାନୁସାରେ ଶିଶୁପୁତ୍ର ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହୋଇଥିବା ଅନୁମାନ କରିଥିଲେ ଡାକ୍ତର । ଏପରି କଥା ଶୁଣି ମୃତ ଶିଶୁପୁତ୍ରଙ୍କ ମା' ସରସ୍ୱତୀ ଦୁଃଖରେ ଭାଙ୍ଗିପଡିଥିଲେ । ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ସ୍ୱାମୀ ପ୍ରଦୀପ ରଇତ ବାହାର ରାଜ୍ୟରେ ଦାଦନ ଖଟି ପରିବାର ଚଳାଉଥିଲେ । ଏହାସହ ଅଯଥାରେ ତାଙ୍କୁ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇ ହଇରାଣ କରିଥିବା କହିଛନ୍ତି । ଏଠାକୁ ଆଣିବା ବେଳେ ପାଖରେ ଟଙ୍କାଟିଏ ମଧ୍ୟ ନଥିଲା । ଯଦି ସେଠାକାର ଚିକିତ୍ସକ ଜାଣିଥିଲେ ଯେ ଶିଶୁର ମୃତ୍ୟୁ ଘଟିଛି ତେବେ କାହିଁକି ଏଠାକୁ ପଠାଇଲେ ଓ ମୁଁ ମଲା ଶିଶୁକୁ ଧରି ବୁଲିଲି ବୋଲି କାନ୍ଦି କାନ୍ଦି କହିଛନ୍ତି ସରସ୍ୱତୀ । ଅନ୍ୟପକ୍ଷରେ ଜଣେ ବଦାନ୍ୟ ଚିକିତ୍ସକ କିଛି ଆର୍ଥିକ ସହାୟତା କରିବା ସହ ଶିଶୁର ଶବ ନେବା ପାଇଁ ବନ୍ଦୋବସ୍ତ କରିଥିବା ଜଣାପଡ଼ିଛି ।



## ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ

ପୋଲସରା,୨୮ ।୧୨(ସମିସ): ପୋଲସରା ବ୍ଲକ କଳମ୍ବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ସମିତିସଭ୍ୟ ପ୍ରସାଦ ସାହୁ, ଦୀପକ ପଲେଇ, କାମ୍ପ ବଡ଼େଇ, ବିଜେପିର ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ପ୍ରତିମା ସାହୁଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଜେପିର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।



## କଂଗ୍ରେସ ପାଳିଲା ପ୍ରତିଷ୍ଠା ଦିବସ



ସାନଖେମୁଣ୍ଡି,୨୮ ।୧୨(ସମିସ): ସାନଖେମୁଣ୍ଡି ବିଧାନସଭା କ୍ଷେତ୍ର କଂଗ୍ରେସ ପକ୍ଷରୁ ସାନଖେମୁଣ୍ଡି ସଦରରେ କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଉଭୟ ଧରାକୋଟ ଏବଂ ସାନଖେମୁଣ୍ଡିର ହଜାର ହଜାର କଂଗ୍ରେସ କର୍ମୀଙ୍କ ସମାବେଶରେ ସ୍ଥାନୀୟ ବିଧାୟକ ତଥା ପ୍ରଦେଶ କଂଗ୍ରେସ ଉପ ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ସମେତ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା, ପୂର୍ବତନ ସମିତି ଅଧ୍ୟକ୍ଷ ଲକ୍ଷ୍ମୀ ଚରଣ ପାତ୍ର, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ବଂଶଧାରା ସାମନ୍ତସିଂହାର, କଂଗ୍ରେସ ଯୁବନେତା ବିକାଶ ପଶୁପାଳକ, ପିସିସି ସଭ୍ୟ ଅରବିନ୍ଦ ନାହାକ ପ୍ରମୁଖ ଯୋଗଦେଇଥିଲେ । ଅଞ୍ଚଳ ବରିଷ୍ଠ କଂଗ୍ରେସ ବ୍ୟକ୍ତିତ୍ୱ ନିର୍ବାଚିତ ଜନ ପ୍ରତିନିଧି ଏବଂ ହଜାର ହଜାର କର୍ମୀ ଅନୁଗତଙ୍କ ବିଶାଳ ପଦଯାତ୍ରା ସାନଖେମୁଣ୍ଡି ପୂର୍ତ୍ତ ବଙ୍ଗଳାରୁ ବାହାରିଥିଲା । ପରେ ପଦଯାତ୍ରାରେ ସଭାସ୍ଥଳରେ ପହଞ୍ଚି କଂଗ୍ରେସର ଦଳୀୟ ଧ୍ୱଜା ଉତ୍ତୋଳନ କରିଥିଲେ । ବ୍ଲକ୍ କଂଗ୍ରେସ ସଭାପତି ଏସ୍. ବାବୁଲା ଦୋରାଙ୍କ ସଂଯୋଜନାରେ ଆୟୋଜିତ ସାଧାରଣ ମଞ୍ଚସଭାରେ ନିମନ୍ତ୍ରିତ ଅତିଥିଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ଜି ରାମହରି, ବାଉରୀବନ୍ଧୁ ପ୍ରଧାନ, ରଘୁନାଥ ବେହେରା, ମୁକୁନ୍ଦ ଚନ୍ଦ୍ର ବରାଡ, ଶଙ୍କର୍ଷଣ ଖୁଣ୍ଟିଆ, ଆନ୍ତର୍ଯ୍ୟାମୀ ବିଶୋଇ, ନିରାକାର ପ୍ରଧାନଙ୍କ ସମେତ ସମସ୍ତ କଂଗ୍ରେସ ସମର୍ଥିତ ସରପଞ୍ଚ, ସମିତିସଭ୍ୟ ବରିଷ୍ଠ ସଦସ୍ୟ ମଞ୍ଚାସିନ ରହିଥିଲେ । ମଞ୍ଚାସୀନ ଅତିଥି ସ୍ୱାଧୀନ ଭାରତ ରାଷ୍ଟ୍ର ନିର୍ମାଣ ପାଇଁ ୧୪୦ ବର୍ଷ ତଳେ ୧୮୮୫ ମସିହାର ଆଜିର ଦିନରେ ଆତ୍ମଲାଭ କରିଥିବା ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ଦଳ ଦେଶ ଆଉ ଜାତି ପାଇଁ କରିଥିବା ଉତ୍ସର୍ଗୀକୃତ କାର୍ଯ୍ୟାବଳୀ ସହ ଜାତୀୟତାବାଦୀ ଏବଂ ସ୍ୱାଧୀନତା ଆନ୍ଦୋଳନରେ କରିଥିବା ତ୍ୟାଗକୁ ଅବତାରଣା କରିଥିଲେ ।



ଆସିକା: ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଆସିକା ଖମ୍ବେଶ୍ୱରୀ ପାଟଣା କଂଗ୍ରେସ କାର୍ଯ୍ୟାଳୟରେ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଆସିକା ଲୋକସଭା ସାଂସଦ ପ୍ରାର୍ଥୀ ତଥା ଯୁବନେତା ଦେବକାନ୍ତ ଶର୍ମାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସତ୍ୟନାରାୟଣ ରଥ, କ୍ଷେତ୍ରବାସି ଦୋରା, ଦୀପକ ଭୂୟାଁ, ପ୍ରିୟାଂଶୁ ପରିଡା, ଅଜିତ ମୁନି, ନିରଞ୍ଜନ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ଧବଳ ନାହାକ, ପବିତ୍ର ପାତ୍ର, ଭାଲୁ ପାତ୍ର, ଭବାନୀ ଦାଶ, ଅଭିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱାଧୀନତା ପରେ କଂଗ୍ରେସ ଅନେକ ଦଶନ୍ଧି ଧରି ଦେଶର ପ୍ରମୁଖ ରାଜନୈତିକ ଦଳ ହୋଇ ରହିଥିଲା ବୋଲି ଅନେକ କଂଗ୍ରେସ କର୍ମୀ ମତ ରଖିଥିଲେ ।

### ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

## ଗଜପତି ଜିଲ୍ଲା ଛାତ୍ରଛାତ୍ରୀଙ୍କ ସଫଳତା




ପାରଳାଖେମୁଣ୍ଡି,୨୮ ।୧୨(ସମିସ): ଓଡ଼ିଶା ତାଏକ୍ୱୋଣ୍ଡୋ ଆସୋସିଏସନ ଦ୍ୱାରା ଭଦ୍ରକ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୨୬ରୁ ୨୮ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାକୁ ଓଡ଼ିଶା ତାଏକ୍ୱୋଣ୍ଡୋ ଆସୋସିଏସନ ଦ୍ୱାରା ଆୟୋଜନ କରାଯାଇଥିଲା । ଗଜପତି ଜିଲ୍ଲା ତାଏକ୍ୱୋଣ୍ଡୋ ଅନୁଷ୍ଠାନରୁ ମୋଟ ୮ ଜଣ ପ୍ରତିଯୋଗୀ ୩ ବାଳିକା ଓ ୫ ବାଳକ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ମୁଖ୍ୟତଃ ଦୁଇଟି ବିଭାଗରେ ହୋଇଥିଲା । ଏଥିରେ ଗଜପତି ଜିଲ୍ଲା ତାଏକ୍ୱୋଣ୍ଡୋ ଏକାଡେମୀର ଛାତ୍ରଛାତ୍ରୀ ଅନୁକମ୍ପ ମଲ୍ଲିକ ସ୍ୱର୍ଣ୍ଣ ଓ ରୌପ୍ୟ, ଭୁବନାନନ୍ଦ ଭୂୟାଁ ରୌପ୍ୟ, ସୁବର୍ଣ୍ଣା ସାହୁ ରୌପ୍ୟ ଓ ସ୍ୱର୍ଣ୍ଣ, ପି. ସାଇସ୍ମିତା ସ୍ୱର୍ଣ୍ଣ ଓ ରୌପ୍ୟ, ଅନୁଶ୍ରୁତା ମଲ୍ଲିକ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ସାଗର ବାରିକ କାଂସ୍ୟ ପଦକ ପାଇଥିବା ଜଣାପଡିଛି । ଜିଲ୍ଲା ତାଏକ୍ୱୋଣ୍ଡୋ ଏକାଡେମୀର ଛାତ୍ରଛାତ୍ରୀଙ୍କ ଏପରି ସଫଳତାକୁ ନେଇ ସମ୍ପାଦକ କାର୍ତ୍ତିକଚନ୍ଦ୍ର ମହାପାତ୍ରଙ୍କ ସମେତ କ୍ରୀଡ଼ାବିତ୍ ପ୍ରଶଂସା କରିବା ସହ ଜିଲ୍ଲାର ଗୌରବ ବୃଦ୍ଧି କରିଥିବା ଏହି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଏମ୍‌ଆରବି ହାଇସ୍କୁଲ ପୁରାତନ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ପାରଳାଖେମୁଣ୍ଡି,୨୮ ।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଥିବା ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ୧୯୯୨ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶତାଧିକ ପୁରାତନ ଛାତ୍ର ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ଏକତ୍ର ହୋଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ଶେଷରେ ସହରର ବୃନ୍ଦାବନ ପ୍ୟାଲେସ୍‌ରେ ପହଞ୍ଚି ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥିଲେ । ୧୯୯୨ ମସିହାରେ ଅଧ୍ୟୟନ କରୁଥିବା ବହୁ ଛାତ୍ର ଯୋଗଦେଇ ସେତେବେଳର ଅଧ୍ୟୟନ ଶୈଳୀ, ପ୍ରାକୃତିକ ପରିବେଶ, ହାଇସ୍କୁଲରେ ଅଧ୍ୟୟନ ସମୟର ପାଠପଢା ସହ ବର୍ତ୍ତମାନର କର୍ମମୟ ଜୀବନ ଶୈଳୀ ଆଦିକୁ ନେଇ ଆଲୋଚନା କରିବା ସହ ପ୍ରାକୃତିକ ସବୁଜିମାକୁ ଦେଖି ଉପଭୋଗ କରି ଭୋଜିଭାତ କରିଥିଲେ ।



## ଦିଲ୍ଲୀରୁ ଫେରିବା ପରେ ଜ୍ୟୋସ୍ନାଙ୍କୁ ବିପୁଳ ସମ୍ବର୍ଦ୍ଧନା



ରାୟଗଡ,୨୮ ।୧୨(ସମିସ): ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇ ସାରା ଓଡ଼ିଶା ପାଇଁ ଗର୍ବ ପାଲଟିଥିବା ଗଜପତି ଜିଲ୍ଲା ରାୟଗଡ ବ୍ଲକ ପେକଟ ଗାଁର ଜ୍ୟୋସ୍ନା ଶବର ଘରକୁ ଫେରିଛନ୍ତି । । ଗଜପତି ଜିଲ୍ଲାରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସେ ତାଙ୍କ ନିଜ ଗ୍ରାମ ପେକଟରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଥମେ ସତସଙ୍ଗ ଗୃହକୁ ଯାଇ ପୂଜାର୍ଚ୍ଚନା କରିବା ପରେ ସେ ଗ୍ରାମଦେବୀ ଠାକୁରାଣୀ ମନ୍ଦିର ଓ ଗାଁର ତୁଳସୀ ଚଉଁରା ମୂଳେ ପୂଜାର୍ଚ୍ଚନା କରିଥିଲେ । ବରିଷ୍ଠ ଆଦିବାସୀ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ସ୍ଥାନୀୟ ସରପଞ୍ଚ ଜଳନ୍ଧର କାର୍ଯୀ, ସମିତିସଭ୍ୟା ପାର୍ବତୀ ଭୂୟାଁଙ୍କ ସମେତ ଅଞ୍ଚଳବାସୀ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ କିସ୍ ଅନୁଷ୍ଠାନରେ ପାଠପଢ଼ା ପାଇଁ ନାମ ଲେଖାଇବା ପରେ ଭାରୋତ୍ତୋଳନ ପାଇଁ ମନ ବଳାଇଥିଲେ । ସେଠାକାର କୋଚ୍‌ଙ୍କ ମାର୍ଗଦର୍ଶନରେ ସେ ପ୍ରଶିକ୍ଷଣ ନେଇଥିଲେ । ତାଙ୍କ ଆଗ୍ରହ ଦେଖି ଅନୁଷ୍ଠାନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଥିଲା । ସେ ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଥିଲେ ଏବଂ ଏହି ସଫଳତା ପାଇଥିବା ସେ କହିଛନ୍ତି । ଆଗକୁ ଅଲିମ୍ପିକ୍ସରେ ଭାଗ ନେବାକୁ ପ୍ରୟାସ କରିବେ ବୋଲି ସେ କହିଛନ୍ତି । ଜ୍ୟୋସ୍ନାଙ୍କ ସଫଳତା ପାଇଁ ତାଙ୍କ ପରିବାର ଲୋକେ ବେଶ ଉତ୍ସାହିତ ହୋଇଛନ୍ତି ।

## ବିଜେପିରେ ମିଶିଲେ ୩୦ ପରିବାର

ପାତ୍ରପୁର,୨୮ ।୧୨(ସମିସ): ରବିବାର ଚିକିଟି ବିଜେପି ପକ୍ଷରୁ ପାତ୍ରପୁର ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଚିକିଟି ବ୍ଲକ୍ ରାମଚନ୍ଦ୍ରପୁର ଡାଳପଲଙ୍କ ଗ୍ରାମର ୩୦ ପରିବାର ବିଜେପିରେ ସାମିଲ ହୋଇଛନ୍ତି । ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଉପସ୍ଥିତିରେ ଏମ. କୁରା, ପି. ରମେଶ, ପି. ମାଲେୟା, ଲକ୍ଷ୍ମଣ ବେହେରା, ଡି ନୀଲାଙ୍କ ସମତେ ୩୦ ପରିବାର ସାମିଲ ହୋଇଛନ୍ତି । ବିଧାୟକ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ବରିଷ୍ଠ ବିଜେପି ନେତା ରେଣୁକେଶ୍ୱର ରେଡି, ଦେବଦତ୍ତ ପଣ୍ଡା, ପାତ୍ରପୁର ମଣ୍ଡଳ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଷ ରବିବାରରେ ଛପନ ଭୋଗ

ପାରଳାଖେମୁଣ୍ଡି,୨୮ ।୧୨(ସମିସ): ପବିତ୍ର ପୁଷ ମାସର ପ୍ରତି ରବିବାରକୁ ପୁଷ ରବିବାର ବା ଧନୁ ରବିବାର ଭାବେ ପାଳନ କରାଯାଏ । ଏହିଦିନ ମୁଖ୍ୟତଃ ସୂର୍ଯ୍ୟ ଦେବତାଙ୍କୁ ପୂଜା କରାଯାଏ । ଭକ୍ତମାନେ ସୂର୍ଯ୍ୟୋଦୟ ସମୟରେ ଅର୍ଘ୍ୟ ପ୍ରଦାନ କରି ପରିବାରର କଲ୍ୟାଣ ଓ ଆରୋଗ୍ୟ ପାଇଁ ପ୍ରାର୍ଥନା କରନ୍ତି । ପୁଷ ମାସରେ ସୂର୍ଯ୍ୟ ଧନୁ ରାଶିରେ ଅବସ୍ଥାନ କରୁଥିବାରୁ ଏହାକୁ 'ଧନୁ ମାସ' ମଧ୍ୟ କୁହାଯାଏ । ଏହି ଦିନଗୁଡ଼ିକରେ ଧନୁ ମୁଆଁ ଭୋଗ ଲାଗି କରାଯାଏ । ବିଶ୍ୱାସ କରାଯାଏ ଯେ ଏହି ମାସର ରବିବାର ଦିନ ବ୍ରତ ପାଳନ କଲେ ଚର୍ମ ରୋଗରୁ ମୁକ୍ତି ମିଳେ ଏବଂ ଶରୀରରେ ଶକ୍ତି ସଞ୍ଚାର ହୁଏ । ଏପରି ବହୁ ପୌରାଣିକ କଥାବସ୍ତୁ ରହିଥିବାରୁ ଆଜି ପୁଷ ମାସର ଚତୁର୍ଥ ରବିବାର ଦିନ ଲୋକେ ପୂଜାର୍ଚ୍ଚନା ସହ ଘରେ ଘରେ ଛପନ ଭୋଗ ଲାଗି କରିଥିଲେ ।



## ଗୋପାଳକୃଷ୍ଣ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ

ରମ୍ଭା,୨୮ ।୧୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ସ୍ଥିତ ଗୋପାଳକୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ ତମ ବାର୍ଷିକୀ ଉତ୍ସବର ୨ୟ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସି.ଏଚ. ସୁଧାକରଙ୍କ ସଭାପତିତ୍ୱରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଯାହାର ପରିଶ୍ରମରେ ସମାଜ ଗଠନ ହୁଏ, ଆମେ ତାକୁ ସମ୍ମାନ ଦେଉନୁ । ପ୍ରଶାସନ, ରାଜନେତା, ଡାକ୍ତରଙ୍କ ଯୋଗୁଁ ସମାଜ ଗଠନ ହୁଏନି । ଶ୍ରମିକର ଉନ୍ନତି ନହେଲେ, କେବେ ସମାଜ ଗଠନ ହେବନି ବୋଲି କହିଥିଲେ । ସମ୍ମାନିତ ଅତିଥି ରୂପେ ପୂର୍ବତନ ଉପ-ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇ ଏହି ମାଟି ସଂଘର୍ଷ, ତ୍ୟାଗର ମାଟି । ଏହି ମାଟିରେ ସ୍ଥାପିତ ଏହି ଅନୁଷ୍ଠାନ କେତେ ଭଲ ମଣିଷ ତିଆରି କରିଆସିଛି । ସେହି ଭଲ ମଣିଷ ମାନେ ଏବେ ମାଟିର ଋଣ ଶୁଝିବାର ସମୟ ଆସିଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ସୁରେଶ ନାୟକ, ସମରସିଂ ପଟ୍ଟନାୟକ, ଶିକ୍ଷାବିତ ତଥା ରାଜ୍ୟପାଳ ପୁରସ୍କୃତ ବିଜୟ କୁମାର ବିଶ୍ୱାଳ, ଶଙ୍କର ନାରାୟଣ ବେଜ (ବିଇଓ), ଜବାହାରଲାଲ ନାହାକ ମଞ୍ଚାସିନ ରହିଥିଲେ । ମୁଖ୍ୟବକ୍ତା ରୂପେ ପ୍ରଫେସର ନାରାୟଣ ପଣ୍ଡା ଯୋଗଦେଇଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ଇଂରାଜୀ ଅଧ୍ୟାପକ ଡ଼. ଗଜେନ୍ଦ୍ର ସେଠି । ଓଡ଼ିଆ ବିଭାଗ ଅଧ୍ୟାପିକା ଜ୍ୟୋସ୍ନାରାଣୀ ପ୍ରଧାନ ମଞ୍ଚପରିଚାଳନା କରିଥିଲେ । ଏହି ଅବସରରେ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନ ଠାରୁ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀ ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଅର୍ଥନୀତି ବିଭାଗ ଅଧ୍ୟାପକ ରବୀନ୍ଦ୍ର ନାଥ ଜେନା । ଏହି ଉତ୍ସବରେ ବିଦ୍ୟାର୍ଥୀ, ପୁରାତନ ବିଦ୍ୟାର୍ଥୀ, ଅଧ୍ୟାପକ, ଅଧ୍ୟାପିକା, ପରିଚଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ ।



# ପ୍ରଦୂଷଣ ପ୍ରମାଣପତ୍ର ଲାଗି ଲୋକେ ଦହଗଞ୍ଜ

କୁକୁଡ଼ାଖଣ୍ଡି,୨୮ ।୧୨(ସମିସ)



ଓଡ଼ିଶାର ଜନସାଧାରଣ ଏଇ କିଛିଦିନ ହେଲା ବାୟୁ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗୋଟିଏ ଅନୁଧ୍ୟାନରୁ ଜଣାଯାଇଛି ଯେ, ରାସ୍ତାରେ ଗଡୁଥିବା ଦୁଇ ଚକିଆ ଯାନ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ମୋପେଡ ବା ସ୍କୁଟର ଯାନ ଯାହା କେବଳ ଗରିବ ଶ୍ରେଣୀର କୁଲି, ମଜୁରିଆ, ତଥା ମିସ୍ତ୍ରୀମାନେ ବିଶେଷ ଭାବେ ବ୍ୟବହାର କରିଥାନ୍ତି । ନିଶ୍ଚିତ ଭାବରେ ଏହି ଶ୍ରେଣୀର ଅଧିକାଂଶ ଯାନ ଫିଟନେସର ବହୁ ଦୂରରେ । ଏହି ଯାନ ଗୁଡ଼ିକର ପୂର୍ବରୁ ଯଦି କିଛି ସରକାରୀ ନେଣଦେଣ ଥାଏ, ତେବେ ଫିଟ୍‌ନେସ ଓ ପ୍ରଦୂଷଣ ପ୍ରମାଣପତ୍ର ହାତେଇବା କାଠିକର ବ୍ୟାପାର । ଏହି ଶ୍ରେଣୀର ଗାଡ଼ିସବୁ ପ୍ରାୟ ସେକେଣ୍ଡ ହ୍ୟାଣ୍ଡ ବା ଥାର୍ଡ ପାର୍ଟି କ୍ରୟ ସମ୍ବନ୍ଧିତ ହୋଇଥାଏ । ଏହି କ୍ଷେତ୍ରରେ ପରିବହନ ବିଭାଗ ପ୍ରଚୁର ଲାଭ ତଥା ଲାଞ୍ଚ ଗ୍ରହଣ କରି ଏହି ଯାନର ପଞ୍ଜୀକରଣ କରିଥାନ୍ତି । ପୁଣି ଏଠାରେ ଗାଡ଼ିର ଦାମ ଦୁଇରୁ ତିନି ହଜାର ଥିବାବେଳେ ଜରିମାନା ୧୦ ହଜାର ହେଉଛି । ଯାହା ଘୋଡ଼ାର ଦାମ ଠାରୁ ଛାଟର ଦାମ ଢ଼େର ଅଧିକ ଭଳି ସ୍ଥିତି ସୃଷ୍ଟି ହୋଇଛି । ସେହିପରି ଲୋକ ଅଦାଲତରେ ଏହି ଜରିମାନା ଆଦାୟ କରିବା ଲାଗି ପ୍ରବାଧାନ ରହିଛି । ହେଲେ ଗତ ସେପ୍ଟେମ୍ବର ଓ ଡିସେମ୍ବର ମାସରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ଲୋକ ଅଦାଲତରେ ପରିବହନ ବିଭାଗ କାଉଣ୍ଟର ଆଦୌ ଖୋଲାଯାଇନି । ଫଳରେ ନିରାଶ ହୋଇ ଫେରିଛନ୍ତି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ଅବାନ୍ତର ଯୁକ୍ତି କରୁଛନ୍ତି । ସରକାରୀ ହିସାବାରେ ପ୍ରାୟ ୭୦ରୁ ୮୦ ଲକ୍ଷ ଗାଡ଼ି ପ୍ରଦୂଷଣ ପ୍ରମାଣପତ୍ର ନଥାଇ ରାସ୍ତାରେ ଗଡୁଛି । ଏହା ପ୍ରତିପଦାନ କରୁଛି ଯେ, ପରିବହନ ବିଭାଗ ଦୀର୍ଘଦିନ ଧରି ସୁଖନିଦ୍ରାରେ ଥିଲା । ପରିବହନ ଅଧିକାରୀ ନିଶ୍ଚିତ ଭାବେ ଏଥିପାଇଁ ଦାୟୀ । ସେମାନଙ୍କ ଉପରେ ସରକାର ଯେପରି ଉଦାର ନୀତି ଆପଣାଇଛନ୍ତି । ଯାହାର କାରଣ ଅସ୍ପଷ୍ଟ । ସରକାର ତଥା ଅଧିକାରୀଗଣ ନିଜର ଭୁଲକୁ ପଛରେ ପକାଇ ଜଣ ସାଧାରଣଙ୍କ ଭୁଲକୁ ବହୁଳ ଭାବରେ ପ୍ରଚାର ପ୍ରସାର କରିବାରେ ବ୍ୟସ୍ତ । ତଳ ଦିନେ ସ୍ମାର୍ଟ ନମ୍ବର ପ୍ଲେଟକୁ ନେଇ ଲୋକେ ହଟଚମଟର ସମ୍ମୁଖୀନ ହେବା କଥା ମନରୁ ନ ଲିଭୁଣୁ ବର୍ତ୍ତମାନ ଅଯଥା ପ୍ରସଙ୍ଗରେ ହାତ ମାରିଛନ୍ତି ସରକାର । ସେହିପରି ପ୍ରଦୂଷଣକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଲୋକଙ୍କୁ ଭୟଭୀତ କରିବା ଭଳି ପ୍ରଚାର ଓ ପ୍ରସାର ବାସ୍ତବିକ ନିନ୍ଦନୀୟ । ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

